## ଆପଣଙ୍କ ମତାମତ




### ଭଲ ହୋଇଥିଲା ମନୋରଞ୍ଜନ

ନିତିଦିନ 'ନଜର'ରେ ସ୍ଥାନ ପାଉଥିବା ମନୋରଞ୍ଜନ ପୃଷ୍ଠାଟି ଉଚ୍ଚକୋଟୀର ହେଉଛି । ବିଶେଷ କରି ଶୀର୍ଷକଗୁଡ଼ିକ ଭଲ ଲାଗୁଛି ପଢ଼ିବାକୁ । ସେଥିପାଇଁ ସଂପାଦନାମଣ୍ଡଳୀଙ୍କୁ ଶୁଭେଚ୍ଛା ଜଣାଉଛି । ସେହିପରି ଜଲିଉଡ୍ ଓ ଟେଲିଟେଲ୍ ମଧ ମନକୁ ଛୁଇଁ ପାରୁଛି ।

**ଅସୀମା ପଣ୍ଡା, ନବରଙ୍ଗପୁର**

### ଉଚ୍ଚକୋଟୀର ସେଦିନ ଏଦିନ

ସେଦିନ ଏଦିନ ବିଭାଗଟି ମତେ ଖୁବ୍ ଭଲ ଲାଗେ । ଏଥର ସେଦିନ ଏଦିନ ବିଭାଗରୁ 'ଝୁମ୍‌କା ଟିକିଏ ତୁ ତ ହଲେଇ ଦେ' ପଢ଼ି ଖୁସି ହେଲି । ପୁରୁଣା ଦିନର ସିନେମା କଥା ମୋର ମନେ ପଡ଼ିଗଲା ।

**ସନ୍ଦିପ୍ତ ଦାସ, କେନ୍ଦ୍ରାପଡ଼ା**

### ସ୍ୱାସ୍ଥ୍ୟ ସ୍ୱତନ୍ତ୍ର ଦରକାରୀ

ଏଥର ସ୍ୱାସ୍ଥ୍ୟ ସ୍ୱତନ୍ତ୍ରରୁ ପ୍ରି-ଡାଇବେଟିସ୍ ବିଷୟରେ ପଢ଼ି ଖୁସିହେଲି । ଶରୀରରେ ଅନେକ ରୋଗ ଉପୁଜେ । ସେଇ ରୋଗକୁ କେବଳ ଡାକ୍ତରଙ୍କ ପରାମର୍ଶ ବ୍ୟତୀତ ବି ଭଲ କରାଯାଇପାରେ । ସ୍ୱାସ୍ଥ୍ୟ ସ୍ୱତନ୍ତ୍ରରୁ ଯେତିକି କଥା ଜାଣିଲି । ଭାବୁଛି ଏହି ରୋଗକୁ ମଧ ମୁଁ ନିଜେ ଆୟତ୍ତ କରି ପାରିବି । ◆

**ବିକାଶ ଚନ୍ଦ୍ର ବାରିକ, ନିମାପଡ଼ା, ପୁରୀ**



# ରବି ପଣ୍ଡା

ଗାଳ୍ପିକ ରବି ପଣ୍ଡା ନିଜ ପିଲାଦିନ ସମ୍ପର୍କରେ ଯାହା କୁହନ୍ତି ।

ପିଲାଦିନ ମୋର ଦୁଷ୍ଟାମୀ ଚରମ ସୀମାରେ ଥିଲା । ପାଠ ପ୍ରତି ଅମନଯୋଗୀ ଭାବ ସୀମାତିକ୍ରମ କରୁଥିଲା । ସ୍କୁଲ୍ ନଯିବା ପାଇଁ ମୋ ମୁଣ୍ଡରେ ଜୁଟୁଥିଲା ପ୍ରତିଦିନ ନୂଆନୂଆ ତରିକା । ମୋର ଏ ଢ଼ଙ୍ଗ ଦେଖି ବୋଉ କହୁଥିଲା ଯା' ଘରେ ଭାଗବତ ଗାଦି ତା' ପୁଅ ମୂର୍ଖ । ବାପା ଆମ ଅଞ୍ଚଳରେ ଜଣେ ସ୍ୱନାମଧନ୍ୟ ପ୍ରଧାନ ଶିକ୍ଷକ ଆଉ ଆମେ ପାଞ୍ଚ ଭାଇଭଉଣୀଙ୍କ ଭିତରୁ ଶୃଙ୍ଖଳା ଦୃଷ୍ଟିରୁ ମୁଁ ଥିଲି ଅଲଗା । ସୁତରାଂ ବୋଉର ଏ ଅଭିଯୋଗ ଯଥାର୍ଥ ଥିଲା । ବାପା ସ୍କୁଲ୍ ଗଲା ପରେ ବାଡ଼ି ପୋଖରୀରେ ବନସୀ ପକେଇବା କି କାଦୁଅ ଚକଟି କଣ୍ଢେଇ ଗଢ଼ିବା, ଧନୁତୀର ତିଆରି କରି ଏ ବାଡ଼ି ସେ ବାଡ଼ି ବୁଲି ଚଢ଼େଇ ମାରିବାକୁ ଉଦ୍ୟମ କରିବା, ପାଳଧୁଆ କାଠରେ ଖଣ୍ଡା କରି ବୁଲାଇବା, ସେତେବେଳେ ବହୁଳ ପ୍ରଦର୍ଶନ ସର୍କସରୁ ଟିଣ କାଟି ଛୁରୀ କରି ତ୍ରିଫଳା ବର୍ଷାର ଖେଳ କରିବା କି କାଠପଟାକୁ ଆଙ୍ଗୁଳିରେ ଗେଞ୍ଜି ଦାସକାଠିଆ ବଜାଇବା ଓ ବେଳେବେଳେ ବୋଉ ଶାଢ଼ୀ, ମହଲପିନ୍ଧି ପାଲା ଗାୟକ ହେଇ କୁଦିବା ଥିଲା କାର୍ଯ୍ୟ ଓ ମନୋରଞ୍ଜନ । ଏ ସବୁର ଦର୍ଶକ ଥିଲେ ଆମ ସାହିର ଅବୋଧ ପିଲାମାନେ । ବେଳେ ଅତିଷ୍ଠ ହୋଇ ବାପାଙ୍କୁ ସ୍କୁଲ୍ ଫେରିବା ପରେ ବୋଉ କହିଦିଏ ତ ମୋ ଉପରେ ହେଇଯାଏ ନିର୍ଧୁମ ମାଡ଼ବର୍ଷା । ବୋଉ ପୁଣି ବାପାଙ୍କୁ ଧରେ, କହେ କହିଲି ବୋଲି ଏମିତି ମାରିବନା ! ମୁଁ ପିଲାବେଳୁ ସବୁବେଳେ କିଛି ନା କିଛି ପିଲାଳିଆ ରୋଗରେ ଆକ୍ରାନ୍ତ ହେଉଥିଲି ବୋଲି ଥିଲି ଖୁବ୍ ଦୁର୍ବଳ । ତେଣୁ ମୋ ପ୍ରତି ଶାରୀରିକ ଦଣ୍ଡ ଥିଲା କୋହଳ । କିନ୍ତୁ ବେଳେବେଳେ କା ବାଡ଼ିରୁ କୋଳି, କମଳା, ପିଜୁଳି କି କୟାଁ ଚୋରିର ଅଭିଯୋଗ ଆସିଲେ ବାପା, ବୋଉଙ୍କ ମାଡ଼ ଆଦୌ କୋହଳ ହେଉ ନଥିଲା । ବର୍ଷା ହେଲେ କାହିଁକି ମୋର ଅବୋଧ ମାନସିକତା ଅବ୍ୟକ୍ତ ଆବେଗରେ ପ୍ରଗଳ୍ଭ ହେଇ ଉଠୁଥିଲା । ବର୍ଷାଋତୁରେ ମୋର ଜନ୍ମ ବୋଲି କି କଣ ! ବର୍ଷା ହେଲେ ବୋଉ ରଖିଥିବା ଟୋକେଇରୁ ସବୁଧାନ ଢ଼ାଳି ଟୋକେଇ ଉପରେ ଟୋକେଇ ଉଗୁଡେଇ ତା ଉପରେ ବସି ଝର୍କା ଦେଇ ବର୍ଷାକୁ ଦେଖେ ଓ ମନକୁ ଯାହା ଆସେ ବଡ଼ ପାଟିରେ ଗାଏ । ମୋ ବେସୁରା ଗୀତ ଶୁଣି ବୋଉ କହେ ପାଠଶାଠ ନାହିଁ, ଗୀତ ଗାଇବା ଦେଖ । କପାଳ ଖରାପ ଥିଲେ ୟା' ଭଳି ଘୋଡ଼ାମୁହାଁ ପୁଅ ଜନ୍ମ କରନ୍ତି । ଏମିତି ଏମିତି ବହୁ କଥା ମୋର ପିଲାଦିନର ସ୍ମୃତି ସଂପଦ । ସେଇ ସବୁ ଦିନ ଥିଲା ମୋର ଆଜିକାର ସୃଜନଶୀଳତାର ଷଠୀଘର । ଆଜି ଭାବୁଛି ଜୀବନରେ ମୁଁ ବିଶେଷ କିଛି କରିପାରିଲି ନାହିଁ, ଯେତିକି ବି କରିଛି ବୋଉ ମତେ ଏବେ ଘୋଡ଼ାମୁହାଁ କୁହନ୍ତା ନାହିଁ ନିଶ୍ଚେ । କିନ୍ତୁ ବୋଉ ଆଉ ନାହିଁ । ◆

## ସାପ୍ତାହିକ ରାଶିଫଳ

**୧୪-୨୦ ଜୁଲାଇ , ୨୦୧୯**





**ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା**

ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

### ମେଷ
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ମଧ୍ୟମ ଫଳ ଲାଭ ହେବ । ଯାତ୍ରା ସଫଳତା ପ୍ରଦାନ କରିବେ । ବୁଧବାରଠାରୁ ଶନିବାର ଋଣଗ୍ରସ୍ତ ହୋଇପାରନ୍ତି । ଚନ୍ଦ୍ରଙ୍କ ଫଳ ଲାଭ କରିବେ । ନିଯୁକ୍ତିରେ ଯୋଗଦାନ କରିବେ ।

### ବୃଷ
ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଶୁଭଫଳ ମିଳିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବୁଧବାର ସୃଜନଶୀଳ ହେବେ । ଗୁରୁବାର ଓ ଶୁକ୍ରବାର ଜଗିରଖି ଚଳିବେ । ଆର୍ଥିକ ଅନଟନ ଦେଖାଦେବ । ଯାତ୍ରା ସ୍ଥଗିତ ରହିବ । ଶନିବାର ପାରିବାରିକ ଶାନ୍ତି ଲାଭ ହେବ । ସ୍ତ୍ରୀହେତୁକ ଧନପ୍ରାପ୍ତି ହେବ ।

### ମିଥୁନ
ରବିବାର ଓ ସୋମବାର ଭାଗ୍ୟବାନ୍ ହେବେ । ମଙ୍ଗଳବାର ଓ ବୁଧବାର ଆୟ ବୃଦ୍ଧି ହେବ । ପାରିବାରିକ ଶାନ୍ତି ମିଳିବ । ଗୁରୁବାର ଓ ଶନିବାର ଶାରୀରିକ ଅସୁସ୍ଥତା ଦୂର ହେବ । ଦୂରଯାତ୍ରା କରିପାରନ୍ତି ।

### କର୍କଟ
ରବିବାର ଓ ସୋମବାର ଅସୁବିଧାର ସମ୍ମୁଖୀନ ହେବେ । ମଙ୍ଗଳଠାରୁ ଗୁରୁବାର ପର୍ଯ୍ୟନ୍ତ କାର୍ଯ୍ୟକରି ସଫଳତା ଲାଭ କରିବେ । ଚାକିରିକ୍ଷେତ୍ରରେ ପଦୋନ୍ନତ ପାଇପାରନ୍ତି । ଶୁକ୍ରବାର ଓ ଶନିବାର ସକାରାତ୍ମକ ଚିନ୍ତାଧାରାଯୁକ୍ତ ହେବେ । ସନ୍ତାନ ଲାଭ କରିପାରନ୍ତି ।

### ସିଂହ
ରବିବାର ଓ ସୋମବାର ଦାମ୍ପତ୍ୟ ଜୀବନରେ ଆନନ୍ଦପ୍ରାପ୍ତି ହେବ । ମଙ୍ଗଳବାର ଓ ବୁଧବାର ଜଗିରଖି ଚଳିବେ । ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ବହୁକାର୍ଯ୍ୟ କରି ସେପରି ଫଳପ୍ରାପ୍ତି ହେବ । ବିଦ୍ୟା ଆପଣଙ୍କ ଭୂଷଣ ହେବ ।

### କନ୍ୟା
ରବିବାର ଓ ସୋମବାର ନୂତନ ନିଯୁକ୍ତି ମିଳିପାରେ । ଶତ୍ରୁକୁ ପରାସ୍ତ କରିବେ । ମଙ୍ଗଳବାର ଓ ବୁଧବାର ବିବାହ ପ୍ରସ୍ତାବ ଆସିପାରେ । ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ମାଲିମୋକଦ୍ଦମାରେ ବିଜୟୀ ହେବେ । ମହିଳା ଓ ବିଦ୍ୟାର୍ଥୀମାନେ ଆଧ୍ୟାତ୍ମିକବାଦୀ ହେବେ ।

### ତୁଳା
ରବିବାର ଓ ସୋମବାର ନୂତନ ନିଯୁକ୍ତି ମିଳିପାରେ । ଶତ୍ରୁକୁ ପରାସ୍ତ କରିବେ । ମଙ୍ଗଳବାର ଓ ବୁଧବାର ବିବାହ ପ୍ରସ୍ତାବ ଆସିପାରେ । ଗୁରୁବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଜଗିରଖି ଚଳିବେ । ଶନିବାର ଅସୁସ୍ଥତା ଦେଖାଦେବ ।

### ବିଛା
ରବିବାର ଓ ସୋମବାର ସହଯୋଗ ମିଳିବ । ପୈତୃକ ସମ୍ପତ୍ତିରୁ ଲାଭବାନ୍ ହେବେ । ମଙ୍ଗଳବାର ଓ ବୁଧବାର ସନ୍ତାନ ହେତୁକ ଦୂରଯାତ୍ର କରିପାରନ୍ତି । ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ କର୍ମାନୁସାରେ ଫଳପ୍ରାପ୍ତି ହେବେ । କୃଷିଜାତ ଦ୍ରବ୍ୟ ଲାଭ ହେବ ।

### ଧନୁ
ରବିବାର ଓ ସୋମବାର ଭାଇଙ୍କର ସହଯୋଗ ଲାଭ କରିବେ । ପୈତୃକ ସମ୍ପତ୍ତିରେ ଲାଭବାନ୍ ହେବେ । ମଙ୍ଗଳବାରଠାରୁ ଶନିବାର ପର୍ଯ୍ୟନ୍ତ ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି ।

### ମକର
ରବିବାର ଓ ସୋମବାର ଆନନ୍ଦରେ ନିରାନନ୍ଦ ସୃଷ୍ଟି ହେବ । ଶତ୍ରୁଠାରୁ ଦୂରେଇ ରହିବା ଭଲ । ମଙ୍ଗଳବାରୁଠାରୁ ଶନିବାର ପର୍ଯ୍ୟନ୍ତ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । ପୁରସ୍କୃତ ହୋଇପାରନ୍ତି । ଋଣ ପରିଶୋଧ କରିବେ ।

### କୁମ୍ଭ
ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଯୋଜନାନୁସାରେ କାର୍ଯ୍ୟକରି ସଫଳତା ଲାଭ କରିବେ । ଗୁରୁବାରଠାରୁ ଶନିବାର ଦୂରଯାତ୍ରା କରିବେ । ଆଇନକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ଅର୍ଥ ପାଇବେ ।

### ମୀନ
ରବିବାରଠାରୁ ସୋମବାର ଶତ୍ରୁ ଦ୍ୱାରା ପରାସ୍ତ ହୋଇପାରନ୍ତି । ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଶ୍ରୀଫଳ ପ୍ରାପ୍ତି ହେବ । ସ୍ତ୍ରୀଙ୍କ ସହଯୋଗ ଲାଭ କରିବେ । ଧନପ୍ରାପ୍ତି ହେବ । ଶୁକ୍ରବାରଠାରୁ ଶନିବାର ପିତାଙ୍କୁ ନେଇ ସମସ୍ୟା ଦେଖାଦେବ । ମାନସିକ ଅସ୍ଥିରତା ଦେଖାଦେବ । ◆